# କୃଷି ସୂଚନା ସେବା (ଧାନ)

# ଜାତୀୟ ଧାନ ଗବେଷଣା ଅନୁଷ୍ଠାନ, କଟକ-୭୫୩୦୦୬

**୨୦୧୭ ମସିହା ଜୁନ୍ ମାସ ପ୍ରଥମ ପକ୍ଷ ପାଇଁ କାର୍ଯ୍ୟପନ୍ଥା :**

<u>ସିଧା ବୁଣାଧାନ ନିମନ୍ତେ</u> :

- ❖ ଅତି ଖାଲୁଆ ଜମି ଯେଉଁଠାରେ ଧାନ ସିଧା ବୁଣା ଯାଏ, ସେହି ସ୍ଥାନରେ ଭଲଭାବରେ ଶେଷ ଓଡ଼ ଚଷ କରି ଜମି ସମତୁଲ କରିଦିଅନ୍ତୁ । ହାଲୁକା ମାଟି ଥିବା ସ୍ଥାନରେ ରୋଟାଭେଟର ବ୍ୟବହାର କରି ମାଟିକୁ ଭଲଭାବରେ ଗୁଣ୍ଡ କରିଦିଅନ୍ତୁ ।
- ❖ ବର୍ଷାଶ୍ରୀତ ସ୍ୱଳ୍ପ ଖାଲୁଆ ଜମି ଯେଉଁଠାରେ ଧାନ ସିଧାବୁଣା କରାଯାଏ ସେଠାରେ ମଧ ଶେଷ ଓଡ଼ ଚଷ ସାରିଦିଅନ୍ତୁ ।
- ❖ ଶେଷ ଓଡ଼ ଚଷ ସମୟରେ ଗୋବର ଖତ ପ୍ରତି ଏକର ପିଛା ୮ କୁଇଣ୍ଟାଲ ହିସାବରେ ପ୍ରୟୋଗ କରନ୍ତୁ ।
- ❖ ସ୍ୱଳ୍ପ ଖାଲୁଆ ଏବଂ ଖାଲୁଆ ଜମିରେ ଏକର ପିଛା ଯଥାକ୍ରମେ ୭୫ କି.ଗ୍ରା. ଏବଂ ୫୦ କି.ଗ୍ରା. ହିସାବରେ ସିଙ୍ଗଲ୍ ସୁପର ଫସ୍‌ଫେଟ୍ ପୂର୍ଣ୍ଣମାତ୍ରାରେ ଶେଷ ଓଡ଼ ଚଷ ସମୟରେ ପ୍ରୟୋଗ କରନ୍ତୁ ।
- ❖ ସ୍ୱଳ୍ପ ଖାଲୁଆ ଏବଂ ମଧ୍ୟମ ଖାଲୁଆ ତଥା ଖାଲୁଆ ଜମିରେ ପଟାସ୍ ସାରର ପୂର୍ଣ୍ଣମାତ୍ରା ଯଥାକ୍ରମେ ଏକର ପିଛା ୨୦ କି.ଗ୍ରା. ଏବଂ ୧୫ କି.ଗ୍ରା. ମ୍ୟୁରଟ୍ ଅଫ୍ ପଟାସ୍ ଶେଷ ଓଡ଼ ଚଷ ସମୟରେ ପ୍ରୟୋଗ କରନ୍ତୁ ।
- ❖ ମଧ୍ୟମ ଖାଲୁଆଜମି ପାଇଁ ଧାନ କିସମ ଯଥା ଗାୟତ୍ରୀ, ଶାରଳା, ଉପହାର, ବର୍ଷାଧାନ ଏବଂ ଦୁର୍ଗା ବ୍ୟବହାର କରନ୍ତୁ । ଖାଲୁଆ ଜମି ନିମନ୍ତେ ଜଳମଣି, ଜୟନ୍ତୀଧାନ, ସି.ଆର.ଧାନ-୫୦୦, ସି.ଆର.ଧାନ-୫୦୫ ଇତ୍ୟାଦି ବ୍ୟବହାର କରନ୍ତୁ । ଏକର ପିଛା ଭଲ ବିହନ ୩୦ ରୁ ୩୫ କି.ଗ୍ରା. ପର୍ଯ୍ୟନ୍ତ ବ୍ୟବହାର କରନ୍ତୁ ।
- ❖ ଧାନ କିସମ ଯଥା ସ୍ୱର୍ଣ୍ଣ, ପୂଜା, ସି.ଆର.ଧାନ-୩୦୦, ସୁମିତ୍, ପ୍ରତୀକ୍ଷା, ରାଣିଧାନ, ସି.ଆର.ଧାନ-୪୦୭ ଇତ୍ୟାଦି ବର୍ଷାଶ୍ରୀତ ସ୍ୱଳ୍ପ ଖାଲୁଆ ଜମିରେ ପାଇଁ ବ୍ୟବହାର କରନ୍ତୁ । ମାତ୍ର ବର୍ଷାଶ୍ରୀତ ବନ୍ୟା ପ୍ଲାବିତ ଅଞ୍ଚଳ ପାଇଁ ସ୍ୱର୍ଣ୍ଣସବ୍-୧, ଗାୟତ୍ରୀ, ଚକାଆଖି, ରୀତା ଇତ୍ୟାଦି ବ୍ୟବହାର କରନ୍ତୁ । ସିଧା ବୁଣା ସ୍ଥାନରେ ଭଲ ବିହନ ସଂଗ୍ରହ କରି ପ୍ରତି ଏକର ପିଛା ୨୫-୩୦ କି.ଗ୍ରା. ହିସାବରେ ବିହନ ବୁଣାବୁଣି ସାରି ଦିଅନ୍ତୁ ।
- ❖ ବିହନକୁ ବୁଣିବା ପୂର୍ବରୁ ପ୍ରତି ଏକ କି.ଗ୍ରା. ବିହନକୁ ୨ ଗ୍ରାମ୍ ହିସାବରେ ଆଗ୍ରୋସାନ୍ ଜି.ଏନ୍ କିମ୍ବା ବାଭିଷ୍ଟିନ୍‌ରେ ବିଶୋଧନ କରି ବିହନ ବୁଣା ଯନ୍ତ୍ର ସାହାଯ୍ୟରେ ୨୦ x ୧୫ ସେ.ମି. ବ୍ୟବଧାନରେ ସିଧା ବୁଣା କରିଦିଅନ୍ତୁ ।

❖ ଉଚ୍ଚାଜମି ପାଇଁ ସହଭାଗୀଧାନ, ସତ୍ୟଭାମା, ଅନ୍ନଦା, ଖଣ୍ଡଗିରୀ, ଉଦୟଗିରୀ ସିଦ୍ଧାନ୍ତ, ବନ୍ଦନା, ଅଞ୍ଜଳୀ ଇତ୍ୟାଦି  କିସମ ବ୍ୟବହାର କରନ୍ତୁ । ବିହନ ସର୍ବଦା ଭଲ ସ୍ଥାନ ଯଥା ଗବେଷଣା ଅନୁଷ୍ଠାନ, କୃଷି ବିଶ୍ୱବିଦ୍ୟାଳୟ ଏବଂ କୃଷି କାର୍ଯ୍ୟାଳୟରୁ ସଂଗ୍ରହ କରନ୍ତୁ ।

**<u>ରୁଆ ଧାନ ନିମନ୍ତେ</u> :**

❖ ପ୍ରାକ୍ ମୌସୁମୀ ବର୍ଷା ହେବା ପରେ ସୁଖିଲା ତଳିଘରା ପ୍ରସ୍ତୁତ କରିଦିଅନ୍ତୁ ।

❖ ଜଳସେଚିତ ମଧ୍ୟମ କିସମ ଜମି ପାଇଁ ଧାନ କିସମ ଯଥା ନବୀନ୍, ଲଲାଟ, ସି.ଆର.ଧାନ-୩୦୫, ସି.ଆର.ଧାନ-୩୦୪, ସି.ଆର.ଧାନ-୩୦୭ ଏବଂ ଶଙ୍କର କିସମ ଯଥା, ଅଜୟ ଏବଂ ରାଜଲକ୍ଷ୍ମୀ ଇତ୍ୟାଦି ବ୍ୟବହାର କରନ୍ତୁ । ମାତ୍ର ଜଳସେଚିତ ଖାଲୁଆ ଜମି ପାଇଁ ସ୍ୱର୍ଣ୍ଣ, ପୂଜା, ସି.ଆର.ଧାନ-୩୦୦, ସି.ଆର.ଧାନ-୭୦୧ (ସଙ୍କର କିସମ) ଇତ୍ୟାଦି ବ୍ୟବହାର କରନ୍ତୁ ।

❖ ପ୍ରାକ୍ ମୌସୁମୀ ବର୍ଷା ପରେ ରୁଆଧାନ ହେଉଥିବା ଅଞ୍ଚଳରେ ଧଣିଚ୍ଚ ବୁଣି ଦିଅନ୍ତୁ ।

*****